# ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ } ଜାଳେଣୀ ଗ୍ୟାସ୍‌ର ବ୍ୟାପକ କଳାବଜାରୀ






**ନିଶ୍ଚିନ୍ତକୋଇଲି, ୧୭।୩(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଜାଳେଣୀ ଗ୍ୟାସ୍‌ର ବ୍ୟାପକ କଳାବଜାରୀ ହେଉଥିବା ଦେଖାଯାଇଛି। ଏହି ଅଞ୍ଚଳର ଗାଁ ଗହଳିମାନଙ୍କରେ ଗ୍ୟାସ୍ ଦଲାଲମାନେ ଲୋକମାନଙ୍କୁ ଗୋଟିଏ ସିଲିଣ୍ଡର ପିଛା ସରକାରୀ ଦର ଠାରୁ ୩୦୦ରୁ ୫୦୦ ଟଙ୍କା ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯଦିଓ ବଜାରରେ ଗ୍ୟାସ୍ ସଂକଟ ଦେଖାଯାଇ ନାହିଁ ବିଗତ ଦୁଇ ସପ୍ତାହ ଧରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ ଯୋଗୁଁ ଗ୍ୟାସ୍ ନ ମିଳିବା ଭୟରେ ଲୋକମାନେ ଘରେ ଗ୍ୟାସ୍ ଗଚ୍ଛିତ ରଖିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏହି ବ୍ଲକରେ ଥିବା ୪ ଗୋଟି ଗ୍ୟାସ୍ ଏଜେନ୍ସିରେ ଗ୍ୟାସ୍ କିଣିବା ପାଇଁ ଲୋକମାନଙ୍କର ବହୁ ଭିଡ ପରିଲକ୍ଷିତ ହେଉଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ଯୋଗୁଁ ଆନ୍ତର୍ଜାତୀୟସ୍ତରରେ ଜାଳେଣୀ ଗ୍ୟାସ୍‌ର ଦର ବୃଦ୍ଧି ହୋଇଥିଲା ବେଳେ ସରକାରଙ୍କ ପକ୍ଷରୁ ଘରୋଇ ସିଲିଣ୍ଡର ପିଛା ୬୦ ଟଙ୍କା ଓ ବ୍ୟବସାୟିକ ଭିତ୍ତିରେ ଦିଆଯାଉଥିବା ଗ୍ୟାସ୍ ପିଛା ୧୫୦ ଟଙ୍କା ଦର ବୃଦ୍ଧି କରାଯାଇଥିଲେ ମଧ୍ୟ ଲୋକମାନେ ଏହାକୁ ଖାତିରି ନ କରି ଗ୍ୟାସ୍ ଗଚ୍ଛିତ ରଖିବା ପାଇଁ ଭିଡ କରୁଥିବା ଜଣାଯାଇଛି। ଏହି ବ୍ଲକର ନିଶ୍ଚିନ୍ତକୋଇଲି ବଜାରରେ ଲାବଣ୍ୟ ଏଚ୍‌ପି ଗ୍ୟାସ୍ ଏଜେନ୍ସି ରହିଥିବା ବେଳେ ଏଠାରେ ଏ ଅଞ୍ଚଳର ମୋଟ ୧୨ ହଜାର ଗ୍ୟାସ୍ ଗ୍ରାହକ ରହିଛନ୍ତି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଗ୍ୟାସ୍ ଯୋଜନାରେ ୪୩୧୫ ଜଣଙ୍କୁ ମଧ ଗ୍ୟାସ୍ ସଂଯୋଗ ଦିଆଯାଇଛି। ସେହିପରି କେନ୍ଦୁପାଟଣା ପଞ୍ଚାୟତ ଖଣ୍ଡଗାଁରେ ଥିବା ପ୍ରିୟା ଏଚ୍‌ପି ଗ୍ରାମୀଣ ବିତରକ ଏଜେନ୍ସି ପାଖରେ ୯୮୩୯ ଗ୍ୟାସ୍ ଗ୍ରାହକ ରହିଥିଲା ବେଳେ ସେଥି ମଧ୍ୟରୁ ଉଜ୍ଜଳା ଯୋଜନାରେ ୪୪୬୬ ଜଣ ଗ୍ରାହକ ସଂଯୋଗ ପାଇଛନ୍ତି। ସେହିପରି ଅସୁରେଶ୍ୱରରେ ଥିବା ପଲ୍ଲବୀ ଏଚ୍‌ପି ଗ୍ରାମୀଣ ବିତରକ ଅଧୀନରେ ମୋଟ ୬୦୦୦ ଗ୍ରାହକ ରହିଥିଲା ବେଳେ ସେଥି ମଧ୍ୟରୁ ୩୫୬୮ ଉଜ୍ଜଳା ଯୋଜନାରେ ଗ୍ୟାସ୍ ସଂଯୋଗ ପାଇଥିବା ଜଣାଯାଇଛି। ସେହିପରି ବିଲହାଟରେ ଥିବା ରଜନୀମଣି ଭାରତ ଗ୍ୟାସ୍ ଗ୍ରାମୀଣ ବିତରକ ଅଧୀନରେ ୧୧୭୧୫ ଗ୍ରାହକ ରହିଥିବା ବେଳେ ସେଥି ମଧ୍ୟରୁ ୭୮୦୦ଉଜ୍ଜଳା ଯୋଜନାରେ ଗ୍ୟାସ୍ ପାଉଥିବା ଜଣାଯାଇଛି। ସରକାରୀ ଭାବେ ଗ୍ୟାସ୍ ଦର ବୃଦ୍ଧି ହେବା ସହିତ ଗ୍ରାମାଞ୍ଚଳରେ ଗ୍ୟାସ୍ ବୁକିଂର ଦିନ ୩୦ ଦିନରୁ ୪୫ ଦିନ କରାଯାଇଥିବାରୁ ଆଗକୁ ଗ୍ୟାସ୍ ସଂକଟର ଆଶଙ୍କା ନେଇ ଲୋକମାନେ ଭୟଭୀତ ହୋଇ ଗ୍ୟାସ୍ କାଉଣ୍ଟର ଗୁଡିକରେ ଅଧିକ ଭିଡ ଲଗାଉଥିବା ଦେଖିବାକୁ ମିଳିଛି। ଏହି ବ୍ଲକ ଅଞ୍ଚଳରେ ଥିବା ଚାରୋଟି ଯାକ ଏଜେନ୍ସିରେ ପ୍ରତ୍ୟେକ ସମୟରେ ଗ୍ୟାସ୍ ଷ୍ଟକ୍ ରହୁଥିବା ବେଳେ ଲୋକମାନେ ଗ୍ୟାସ୍ ପାଇଁ ବ୍ୟସ୍ତ ହୋଇ ପଡୁଥିବାରୁ ଏହାର ସୁଯୋଗରେ ଅସାଧୁ ଗ୍ୟାସ୍ ବ୍ୟବସାୟୀମାନେ ଚଢା ଦରରେ ବିକ୍ରି କରୁଥିବା ଜଣାଯାଇଛି। ବର୍ତ୍ତମାନ ଘରୋଇ ସିଲିଣ୍ଡର ପିଛା ଦର ୯୪୮.୫୦ପଇସା ରହିଥିଲା ବେଳେ ବ୍ୟବସାୟିକ ଭିତ୍ତିରେ ଯୋଗାଇ ଦିଆଯାଉଥିବା ସିଲିଣ୍ଡରର ମୂଲ୍ୟ ୨୦୩୯.୫୦ ପଇସା ରହିଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ଜଳଖିଆ ଦୋକାନ ଓ ଉଠାଦୋକାନୀମାନେ ଅଧିକ ମାତ୍ରାରେ ଘରୋଇ ସିଲିଣ୍ଡର ବ୍ୟବହାର କରୁଥିବାରୁ ଗ୍ୟାସ୍‌ର ଦର ବୃଦ୍ଧି ହେଉଥିବା ଦେଖାଯାଇଛି। ବ୍ୟବସାୟୀମାନେ ଯଦି ବ୍ୟବସାୟିକ ଭିତ୍ତିରେ ଦିଆଯାଉଥିବାର ଗ୍ୟାସ୍‌କୁ ବ୍ୟବହାର କରନ୍ତି ତାହାହେଲେ ଘରୋଇ ଗ୍ରାହକମାନେ ସଠିକ୍ ଦାମ୍‌ରେ ପର୍ଯ୍ୟାପ୍ତ ଗ୍ୟାସ୍ ପାଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଗ୍ରାହକମାନେ କିଭଳି ସୁଚାରୁ ରୂପେ ଗ୍ୟାସ୍ ପାଇବେ ସେ ନେଇ ଏଜେନ୍ସିମାନେ ତତ୍ପର ରହିଥିବା ବେଳେ ବ୍ଲକ ଯୋଗାଣ ଅଧିକାରୀ ମଧ ପ୍ରତ୍ୟେକ ଦିନ ଗ୍ୟାସ୍‌ର ଷ୍ଟକ୍ ଅନୁଧ୍ୟାନ କରୁଥିବା ପ୍ରକାଶ କରିଛନ୍ତି।

## ୱାର୍ଡ ନଂ ୨୭ରେ ମହିଳା ସମ୍ମିଳନୀ



**କଟକ, ୧୭।୩(ସମିସ):** କଟକ ମହାନଗର ନିଗମର ୨୭ ନମ୍ବର ୱାର୍ଡ ସ୍ଥିତ ଜଗନ୍ନାଥ ଲଜ୍ ପରିସରରେ ୱାର୍ଡସ୍ତରୀୟ ମହିଳା ସମ୍ମିଳନୀ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୱାର୍ଡର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ କିଭଳି ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ରୂପେ ସଶକ୍ତ କରାଯାଇପାରିବ। ଏହି ସମ୍ମିଳନୀରେ କଟକ ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ ଓ ଅରୁନ୍ଧତୀ କର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସ୍ୱଦେଶ ଦାସ, ମୀନା ବିଶ୍ୱାଳ, ସରିତା ନାୟକଙ୍କ ସମେତ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ରହି ଏହି ସମ୍ମିଳନୀକୁ ସଫଳ କରିଥିଲେ।

## ବେଆଇନ ମଦ ଭାଟିକୁ ଭାଙ୍ଗିଲା ପୁଲିସ

କଟକ, ୧୭ ।୩(ସମିସ): ବେଆଇନ ଭାବେ ଖୋଲିଥିବା ୨ଟି ଦେଶୀ ମଦ ଭାଟିକୁ ସିଆରଆରଆଇ ଥାନା ପୁଲିସ ଭାଙ୍ଗିଦେଇଛି। ନୂଆବଜାର କେନାଲ ରୋଡ ଏବଂ ବଣବିଦ୍ୟାଧରପୁର ପୋଲ ପାଖରେ ଏହି ଦୁଇଟି ମଦ ଭାଟି ଚାଲିଥିଲା। କିଛି ମାସ ତଳେ ପୁଲିସ ଉକ୍ତ ଦୁଇ ସ୍ଥାନରେ ଚଢଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ସହିତ ଦୁଇ ଜଣଙ୍କୁ ଗିରଫ କରିଥିଲା। ତେବେ ଗଲା କିଛି ଦିନ ହେବ ପୁର୍ନବାର ଉକ୍ତ ଦୁଇ ସ୍ଥାନରେ ପୁଣିଥରେ ମଦ ଭାଟି ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ତଦନୁଯାୟୀ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପଦକ୍ଷେପ ସ୍ୱରୂପ ମଙ୍ଗଳବାର ୨ଟି ଭିନ୍ନ ସ୍ଥାନରେ ଆଜବେଷ୍ଟସ ଘରେ ଚାଲିଥିବା ମଦ ଭାଟିକୁ ପୋଲିସ ଭାଙ୍ଗି ଦେଇଛି। ହେଲେ ପୁଲିସ ଚଢଉ ପୂର୍ବରୁ ଅଭିଯୁକ୍ତ ବେପାରୀ ଦ୍ୱୟ ଫେରାର ହୋଇଯାଇଛନ୍ତି। ବଣ ବିଦ୍ୟାଧରପୁର ମାମଲାରେ ଦୀପକ ମୁର୍ମୁ ଓ ନୂଆବଜାର କେନାଲ ରୋଡ ମାମଲାରେ ଦିପୁ ଓରଫ ସୁଜିତ ପ୍ରଧାନକୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ରଣ ପରିଶୋଧରେ ଖିଲାପ ହେବାରୁ ବାସଗୃହ କବ୍‌ଜା କଲା ଏଲ୍‌ଆଇସି

**ଚୌଦ୍ୱାର, ୧୭।୩(ସମିସ):** ଏଲଆଇସି ଫାଇନାନ୍ସରୁ ଋଣନେଇ ପରିଶୋଧ କରି ନ ପାରିବାରୁ ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୂଆସାହି ବାସିନ୍ଦା ରାଣୀବାଳା ଭୂୟାଁ, ଅମରେଶ ଭୂୟାଁ ଓ ରଜନୀ ଜେନାଙ୍କ ବାସଗୃହକୁ ଜୀବନ ବୀମା ନିଗମ ତରଫରୁ ସିଲ କରାଯାଇଛି। ପ୍ରକାଶ ଯେ, କଟକ ଜୋବ୍ରା ମଲାସାହି ଅଞ୍ଚଳର ରାଣୀବାଳା, ଅମରେଶ ଓ ରଜନୀ ମିଶି ନୂଆସାହିରେ କରିଥିବା ବାସଗୃହକୁ ବନ୍ଧକ ରଖି ଏଲଆଇସି ହାଉସିଂ ଫାଇନାନ୍ସର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବ୍ରାଞ୍ଚରୁ ବିଭିନ୍ନ କିସ୍ତିରେ ୬୦ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଏବେ ମୂଳ ଋଣ ଟଙ୍କା ୬୩ ଲକ୍ଷ, ୪୫ ହଜାର ୭୪୪ ଓ ଏହାର ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶି ମୋଟ ୧ କୋଟି ୧୬ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ଏହି ଋଣଟଙ୍କା ସେମାନେ ଦୀର୍ଘଦିନ ଧରି ପରିଶୋଧ କରୁ ନ ଥିଲେ। ଋଣ ଟଙ୍କା ପରିଶୋଧ ପାଇଁ ଏଲଆଇସି ପକ୍ଷରୁ ସେମାନଙ୍କୁ ବାରମ୍ବାର ନୋଟିସ ଜାରି କରଯାଇଥିଲେ ହେଁ ସେମାନେ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ତେଣୁ ଘର ଖାଲିକରି ଏଲଆଇସି କାର୍ଯ୍ୟାଳୟକୁ ହସ୍ତାନ୍ତର କରିବା ପାଇଁ ଗତ ୬ ମାସ ପୂର୍ବରୁ ଉକ୍ତ ଘର କାନ୍ଥରେ ଏଲଆଇସି ପକ୍ଷରୁ ନୋଟିସ ଲଗାଯିବା ସହିତ ଘରର ମାଲିକଙ୍କୁ ମଧ ନୋଟିସ କରାଯାଇଥିଲା। ହେଲେ ଘରର ମାଲିକ ଏହାକୁ ମଧ ଖାତିର କରି ନ ଥିଲେ। ଫଳରେ କଟକ ଜିଲ୍ଲାପାଳ ଏବଂ ଡିସିପିଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଦିନ ଏଲଆଇସିର ଉଚ୍ଚପଦସ୍ଥ କର୍ମକର୍ତ୍ତାମାନେ ଚୌଦ୍ୱାର ପୁଲିସର ଏକ ଟିମ ସହିତ ପହଞ୍ଚି ଉକ୍ତ ଘରେ ଭଡାରେ ରହୁଥିବା ୨ ପରିବାରର ସମସ୍ତ ଆସବାବପତ୍ର ଖାଲି କରି ଘରଟିକୁ ସିଲ କରିଥିବା ଏଲଆଇସି ହାଉସିଂ ଫାଇନାନ୍ସ ସହିଦ୍‌ନଗର ଶଖାର ଅଧିକାରୀ ବସନ୍ତ ସାହୁ ସୂଚନା ଦେଇଛନ୍ତି।

## ଛବିରାଣୀ ପତିଙ୍କ ଦୁଇଟି ଅନୁବାଦ ପୁସ୍ତକ ଲୋକାର୍ପିତ



**କଟକ, ୧୭।୩(ସମିସ):** ଅନୁବାଦ କର୍ମ ଏକ ସ୍ୱତନ୍ତ୍ର ସାରସ୍ୱତ କଳା। ଭାବର ଅବିକଳ ପ୍ରତିଫଳନ ହିଁ ସଫଳ ଅନୁବାଦ ସାହିତ୍ୟ। ଅନୁବାଦ ଦ୍ୱାରା ସାହିତ୍ୟ ଅଧିକ ପ୍ରସାରିତ ହୁଏ। ମଙ୍ଗଳବାର ସନ୍ଧ୍ୟାରେ ସାରଳା ଭବନରେ ଛବିରାଣୀ ପତିଙ୍କର ଦୁଇଟି ଅନୁବାଦ ପୁସ୍ତକର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଏଭଳି ମତପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ର. ଇଂ. ପ୍ରଭାକର ସ୍ୱାଇଁ ମୁଖ୍ୟଅତିଥି, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ ବରେଣ୍ୟ ଅତିଥି ଓ ପ୍ରାକ୍ତନ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅନୁବାଦିକା ଛବିରାଣୀ ପତି ଅନୁବାଦକୀୟ ଓ ପ୍ରକାଶକ ତାରିଣୀ ପ୍ରସାଦ ମହାନ୍ତି ପ୍ରକାଶକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। କଳାକାର ଗୁରୁପ୍ରସାଦ ରଥ ବେଦପାଠ, ଶିକ୍ଷାବିତ୍ କ୍ଷୀରୋଦ ସାହୁ ସ୍ୱାଗତ ଭାଷଣ ଓ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଲେଖକ ପ୍ରମୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଦାଶ, ନିରଞ୍ଜନ ପତି, ପୀତାମ୍ବର ମହାପାତ୍ର, ବ୍ରହ୍ମାନନ୍ଦ ମହାନ୍ତି, ହେମନ୍ତ ନାୟକ, ବୈଜୟନ୍ତିମାଳା ଶତପଥୀ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିର: ୩୦ ୟୁନିଟ୍ ସଂଗୃହୀତ



**କଟକ, ୧୭।୩(ସମିସ):** ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ସ୍ମୃତିରେ ଆଜି ଡଗରପଡ଼ା ସ୍ଥିତ ରାଜକିଶୋର ଭବନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜଷ୍ଟିସ ଭି. ନରସିଂହମଙ୍କ ସମେତ ସମୁଦାୟ ୩୦ ଜଣ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଲୋକପାଳ ଜଷ୍ଟିସ ପ୍ରଦୀପ ମହାନ୍ତି, ମେୟର ସୁବାସ ସିଂହ, ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଡକ୍ଟର ସତ୍ୟ ରାୟ ଓ ସମ୍ପାଦକ ପ୍ରକାଶ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ବଡ଼ ଡାକ୍ତରଖାନା ରକ୍ତଭଣ୍ଡାରର ଡାକ୍ତର ରାଜ ନାରାୟଣ ସ୍ୱାଇଁ ଓ ଡାକ୍ତର ଆଦିତ୍ୟ ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶିବିରରେ ରକ୍ତଦାନ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ମୃତି ସଭାରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

## ୧୦ କିଲୋ ଗଞ୍ଜେଇ ଜବତ: ୨ ଗିରଫ

**କଟକ, ୧୭ ।୩(ସମିସ):** ଦୁଇ ଜଣ ପେସାଦାର ନିଶା ବେପାରୀଙ୍କୁ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନୂଆବଜାର ଗାନ୍ଧିପଲ୍ଲୀର କୈଳାସ ଚନ୍ଦ୍ର ପ୍ରଧାନ(୬୧) ଓ ବିଡାନାସୀ ନୂଆସାହିର ରାଜକୁମାର ଦାସ(୫୭)। ଏମାନଙ୍କ ପାଖରୁ ମୋଟ ୧୦ କିଲୋ ୫ଶହ ଗ୍ରାମର ନିଶାଦ୍ରବ୍ୟ ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ୪୫ ହଜାର ଟଙ୍କା ହେବ।

ସହର ଉପକଣ୍ଠ ନୂଆବଜାର ଅଞ୍ଚଳରେ ଅଫିମ କାରବାର ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ତଦନୁଯାୟୀ, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ମଙ୍ଗଳବାର ଗାନ୍ଧିପଲ୍ଲୀ ଯାଚେଶ୍ୱର ମନ୍ଦିର ପାଖରେ ଚଢଉ କରିଥିଲା। ଏହି ସମୟରେ ନିଶାଦ୍ରବ୍ୟ ଭର୍ତ୍ତି ବ୍ୟାଗ ଧରି ଛିଡା ହୋଇଥିବା ଅଭିଯୁକ୍ତ କୈଳାସ ଧରାପଡ଼ିଥିଲା। ଯାଞ୍ଚ ସମୟରେ ତା' ବ୍ୟାଗରୁ ୮ କିଲୋ ଓଜନର ଶୁଖିଲା ଅଫିମ ଜବତ ହୋଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ। ସେ ରାଜ୍ୟର ଉପାନ୍ତ ଅଞ୍ଚଳରୁ ଉକ୍ତ ନିଶାଦ୍ରବ୍ୟ ଆଣିଥିଲା ବେଳେ ମଙ୍ଗଳବାର ତାହାକୁ ଅନ୍ୟତ୍ର ଚାଲାଣ ଉଦ୍ଦେଶ୍ୟରେ ଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଅନ୍ୟପଟେ, ବିଡାନାସୀ ନୂଆସାହିରେ ଅବକାରୀ ଟିମ ଚଢଉ କରି ରାଜକୁମାର ଦାସକୁ ଗିରଫ କରିଛି। ସେ ଦୀର୍ଘ ଦିନ ହେବ ନିଜ ଘରେ ଗଞ୍ଜେଇ ରଖି ବେପାର କରୁଥିଲା। ତା' ପାଖରୁ ଅଢେଇ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୨୫ ହଜାର ଟଙ୍କା ହେବ। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## 'ଖୋଲାଝର୍କା'ର ଅଷ୍ଟମ ବାର୍ଷିକ ସମାରୋହ



**କଟକ, ୧୭।୩(ସମିସ):** ସାହିତ୍ୟିକ ବିଚାର ଓ ବିମର୍ଶର ମୁକ୍ତମଞ୍ଚ 'ଖୋଲାଝର୍କା'ର ଅଷ୍ଟମ ବାର୍ଷିକ ସାରସ୍ୱତ ସମାରୋହ ଆଜି ମହାନଦୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଖୋଲାଝର୍କା' ଏବଂ ପ୍ରମୋଦ ମିଶ୍ରଙ୍କ ରଚିତ ପୁସ୍ତକ 'କବିତାଞ୍ଜଳି' ଉନ୍ମୋଚିତ ହୋଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଖ୍ୟାତ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ମାନବବାଦର ପ୍ରତିଷ୍ଠା ପାଇଁ ସାହିତ୍ୟକୁ ସୂତ୍ରଧର ଭାବେ ଗ୍ରହଣ କରିବାକୁ ମତ ରଖିଥିଲେ। ଏହି ଅବସରରେ କଥାଶିଳ୍ପୀ ଡ. ପ୍ରକାଶ କୁମାର ପରିଡ଼ାଙ୍କୁ 'ଖୋଲାଝର୍କା ସାହିତ୍ୟ ସମ୍ମାନ', ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କୁ 'ଖୋଲାଝର୍କା ପରିବାର ସମ୍ମାନ' ଏବଂ ପ୍ରହ୍ଲାଦ ଚନ୍ଦ୍ର ମହାନ୍ତିଙ୍କୁ 'ସମାଜସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ପାଦକ ଅଜୟ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରାହ୍ନରେ ସସ୍ମିତା ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଯାହାକୁ କବି ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ଉଦ୍‌ଘାଟନ କରିଥିଲେ। କବି ପିନାକୀ ସିଂହ ଅତିଥି ଭାବେ ଯୋଗଦେଇଥିବା ବେଳେ ବହୁ ପ୍ରତିଷ୍ଠିତ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## ଜାନକୀ ବାବୁଙ୍କ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି



**ଚୌଦ୍ୱାର, ୧୭।୩(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ, ସାରସ୍ୱତ ସାଧକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ ତମ ଶ୍ରାଦ୍ଧଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିଶୁ ସଦନରେ ସଂସଦର ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ଏପ୍ରିଲ ୨୧ରେ ହେବାକୁ ଥିବା ଏହି ଶ୍ରାଦ୍ଧୋତ୍ସବ ଓଟିଏମ୍ କଲୋନୀ ସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥିରେ ଉତ୍ସବ ଆୟୋଜନ, ଉପଦେଷ୍ଟା କମିଟି, ଅତିଥି ଚୟନ କମିଟି, ସମ୍ବର୍ଦ୍ଧନା କମିଟି ଓ ସଂଯୋଜନା କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସଭାପତି ଶରତ ଖୁଣ୍ଟିଆ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜେପି ନେତା ବୈରାଗୀ ଚରଣ ପ୍ରଧାନ, ବିଶ୍ୱକଲ୍ୟାଣ ଦାସ, ବିଜୟ ବେହେରା, ହରିହର ପରିଡ଼ା, ଅଶୋକ ନାୟକ, ଶରତ ଚନ୍ଦ୍ର ସ୍ୱାଇଁ, ଜୟ ପ୍ରକାଶ ସିଂ, ରାଜକିଶୋର ସାମନ୍ତରାୟ, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ସୁବାସ ଚନ୍ଦ୍ର ସୁବୁଦ୍ଧିରାୟ, ଅଜୟ ଦାସ, ଭାସ୍କର ପ୍ରସାଦ ମହାପାତ୍ର, ପ୍ରଶାନ୍ତ ପରିଡ଼ା, ଅମୀୟ ରଞ୍ଜନ ଜେନା, ଉମେଶ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ବେହେରା ଓ ନୀଳିମା ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପରିଚାଳନା କରିଥିଲେ ଏବଂ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥଲେ। ମୋନାଲିସା ଦାସ ଧନ୍ୟବାଦ ଦେଇଥିଲେ।

## ଟେକ୍ସ-ଅରା ଏକ୍ସପୋ-୨୦୨୬ ଉଦ୍‌ଘାଟିତ

**କଟକ, ୧୭।୩(ସମିସ):** କଟକରେ ଟେକ୍ସ-ଅରା ଏକ୍ସପୋ ୨୦୨୬ର ଉଦଘାଟିତ ହୋଇଯାଇଛି, ଯାହାକି ସୁରଟର ପ୍ରସିଦ୍ଧ ବସ୍ତ୍ର ଶିଳ୍ପର ଝଲକକୁ ଓଡ଼ିଶାରେ ପ୍ରଦର୍ଶିତ କରିଛି। ୱିଣ୍ଡସର୍ ପ୍ୟାଲେସ୍ ଠାରେ ଅନୁଷ୍ଠିତ ଏହି ଦୁଇ ଦିନିଆ ପ୍ରଦର୍ଶନୀ ଫ୍ୟାଶନ ଶିଳ୍ପ ସହ ଜଡିତ ଲୋକ, ବ୍ୟବସାୟୀ ଏବଂ ଫ୍ୟାସନ୍ ପ୍ରେମୀମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏହି କାର୍ଯ୍ୟକ୍ରମକୁ କଟକର ମେୟର ସୁବାସ ସିଂହ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ୟବସାୟିକ ସମ୍ପର୍କକୁ



**ପ୍ରଦର୍ଶିତହେଲା ସୁରଟର ଶ୍ରେଷ୍ଠ ବସ୍ତ୍ରଶିଳ୍ପ**

ମଜବୁତ କରିବା ଏବଂ ଭାରତର ସମୃଦ୍ଧ ବସ୍ତ୍ର ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ସେ ଆଲୋକପାତ କରିଛନ୍ତି। ଉଦଘାଟନୀ ଦିନର ଏକ ମୁଖ୍ୟ ଆକର୍ଷଣ ଥିଲା ଏକ ଗ୍ରାରମେଣ୍ଟ ଫ୍ୟାସନ୍ ୱାକ୍, ଯେଉଁଥିରେ ସୁରଟର ୧୫ ଜଣ ପ୍ରମୁଖ ପୋଷାକ ନିର୍ମାତାଙ୍କ କଲେକ୍ସନ ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀରେ ଆଧୁନିକ ଫ୍ୟାସନ୍ ଏବଂ ପାରମ୍ପରିକ ହସ୍ତଶିଳ୍ପର ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିଛି, ଯାହା ଭାରତୀୟ ବସ୍ତ୍ର କ୍ଷେତ୍ରର ବିବିଧତା ଏବଂ ନୂତନତ୍ୱକୁ ପ୍ରତିଫଳିତ କରୁଛି। ଅଂଶଗ୍ରହଣ କରିଥିବା ନିର୍ମାତାଙ୍କ ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ଦର୍ଶକମାନେ ବିଭିନ୍ନ ପ୍ରକାରର କପଡ଼ା, ପୋଷାକ ଏବଂ ନୂଆ ଡିଜାଇନ୍ ଟ୍ରେ ଦେଖିବାର ସୁଯୋଗ ପାଇଛନ୍ତି। ପୂର୍ବ ଭାରତର ବଜାରରେ ଭଲ ବ୍ୟବସାୟିକ ସମ୍ପର୍କ ସୃଷ୍ଟି କରିବା ଲକ୍ଷ୍ୟରେ, ଏହି ଏକ୍ସପୋ ନିର୍ମାତା ଏବଂ କ୍ରେତାମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ସୁବିଧା ଯୋଗାଇଦେଉଛି। ଏହି ଅବସରରେ ଟେକ୍ସ-ଅରାର ସିଇଓ ଆଦିତ୍ୟ ଶର୍ମା କହିଛନ୍ତି ଯେ ଆମେ ଟେକ୍ସ-ଅରା ଏକ୍ସପୋ ୨୦୨୬କୁ କଟକ ଆଣି ବହୁତ ଆନନ୍ଦିତ। ଏହି ପ୍ଲାଟଫର୍ମଟି ସୁରଟର ଲୋକପ୍ରିୟ ବସ୍ତ୍ର ଶିଳ୍ପକୁ ଓଡ଼ିଶାର ବଢୁଥିବା ବଜାର ସହିତ ଯୋଡିବା, ସହଭାଗିତା ବଢ଼ାଇବା ଏବଂ ଫ୍ୟାସନ୍ ଓ ପୋଷାକ କ୍ଷେତ୍ରରେ ହୋଇଥିବା ଶ୍ରେଷ୍ଠ ନୂତନତ୍ୱକୁ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ଏକ୍ସପୋ ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ। ଭାରତୀୟ ବସ୍ତ୍ରର ସମୃଦ୍ଧତାକୁ ପ୍ରୋତ୍ସାହିତ କରିବା ସହିତ ଏହା ବ୍ୟବସାୟିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ନିଶା ନିବାରଣ ସଚେତନତା




କଟକ, ୧୭।୩(ସମିସ): ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧିନସ୍ଥ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି), ଭୁବନେଶ୍ୱର ପକ୍ଷରୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ 'ନିଶା ଦ୍ରବ୍ୟ ଏବଂ ସମାଜ ଉପରେ ଏହାର କୁପ୍ରଭାବ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ଆଞ୍ଚଳିକ ନିର୍ଦ୍ଦେଶକ କୁଳଦୀପ ଶର୍ମା ଓ ସମ୍ମାନିତ ଅତିଥି ସହକାରୀ ନିର୍ଦ୍ଦେଶକ ହୃଦୟ ଦାସ ନିଶା ସେବନ କେବଳ ବ୍ୟକ୍ତି ବିଶେଷ ନୁହେଁ ବରଂ ସମଗ୍ର ସମାଜକୁ ପ୍ରଭାବିତ କରିଥାଏ। ଯୁବଗୋଷ୍ଠୀ ସଚେତନ ହେଲେ ଓ ନିଶାକୁ ଦୂରେଇ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସିନକ ନିର୍ଦ୍ଦେଶକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ସୁଶାନ୍ତ ଦାସ ମାଦକ ଦ୍ରବ୍ୟ ସେବନ ଦ୍ୱାରା କିଭଳି ବ୍ୟକ୍ତିତ୍ୱର ଅବକ୍ଷୟ ଘଟେ ସେ ସର୍ମ୍ପରେ ବର୍ଣ୍ଣନା କରି ଛାତ୍ରଛାତ୍ରୀ ନିଶା ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ନିଶା ମୁକ୍ତି ସଂଗଠନ 'ଫେଥ୍ ଚାରିଟେବୁଲ ଟ୍ରଷ୍ଟ'ର ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ ପାତ୍ର, ପରାମର୍ଶଦାତା ଜୟଗୋପାଳ ମହାନ୍ତ, ପ୍ରକଳ୍ପ ସଂଯୋଜକ ରମାକାନ୍ତ ମହାନ୍ତି ନିଶାମୁକ୍ତି କ୍ଷେତ୍ରରେ ସଂଗଠନର ଅଭିମୁଖ୍ୟ ଓ କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ। ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ସ୍ୱପ୍ନେନ୍ଦୁ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ସରୋଜ କାଲେଟ୍ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ ନିଶା ନିରୋଧୀ ସଂକଳ୍ପ ପାଠ କରାଇଥିଲେ। ନିଶା କବଳରୁ ମୁକ୍ତ ଜୀବନ ବିତାଉଥିବା ଅଜୟମଣି ସାହୁ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, 'ଡିନ୍' (ଗବେଷଣା) ଡ.ବିଶ୍ୱରଞ୍ଜନ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ଡା. ଦୁର୍ଗା ପ୍ରସାଦ ମିଶ୍ର, ସୁନୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କାନପୁର ଦୋଳ ମହୋତ୍ସବ ଉଦ୍‌ଯାପିତ



**ଟାଙ୍ଗୀ,୧୭।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁର ବାବା କାନନେଶ୍ୱର ଯାତ୍ରା କମିଟି ଆନୁକୂଲ୍ୟରେ ୫୩ତମ ଦୋଳ ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। କମିଟି ସମ୍ପାଦକ ଧନେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହୃଷୀକେଶ ସାମଲ, ଭାରତ ମସଲା କମ୍ପାନୀର ବରିଷ୍ଠ ଅଧିକାରୀ ନବକୃଷ୍ଣ ପ୍ରଧାନ, ରଙ୍ଗାଧର ବେହେରା, ବିପଦ ଭଞ୍ଜନ ରାଉତରାୟ ଓ ସମୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅପେରା ଶ୍ରୀମନ୍ଦିର ଦ୍ୱାରା ନାଟ ପରିବେଷଣ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତ ମସଲା କମ୍ପାନୀର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ଓ ଅନ୍ୟତମ ଅତିଥିଭାବେ ଓସିଏଲ କମ୍ପାନୀର ଏଚଆର ହେଡ ସୁଧିର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ବିଭିନ୍ନ ଗ୍ରାମରୁ ଶତାଧିକ ଦର୍ଶକ ନାଟକ ଉପଭୋଗ କରିଥିଲେ। କମିଟିର ସମସ୍ତ ସଦସ୍ୟଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଗରୁଡ଼ଗାଁରେ ଶିଳ୍ପ ସଚେତନତା




**ଟାଙ୍ଗୀ,୧୭ ।୩(ସମିସ):** ଜିଲ୍ଲା ଶିଳ୍ପ କେନ୍ଦ୍ର କଟକ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଏମଏସଏମଇ ଓ ଶିଳ୍ପ ନିର୍ଦ୍ଦେଶାଳୟ କଟକର ସହଯୋଗରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକଦିବସୀୟ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିପ୍ତିମୟୀ ବେହେରାଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଶିଳ୍ପ ଅଧିକାରୀ ଇଂ ସମୀର ବାରିକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଡ. ରାଜେନ୍ଦ୍ର କୁଅଁର ଓ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ପିଏମ ବିଶ୍ୱକର୍ମା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ଓ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ସଚେତନ କରିଥିଲେ। ଉଦ୍ୟୋଗପତି, ବ୍ୟବସାୟୀ, ଏସଏଚଜି, ସିଆରପି, ଏମବିକେଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ବେକାର ଯୁବକ ଯୁବତୀ ଯୋଗଦେଇଥିଲେ।

## ଶ୍ରୀ ଜଗନ୍ନାଥ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




ତିଗିରିଆ,୧୭।୩(ସମିସ): ତିଗିରିଆ ବ୍ଲକ ବଡନାଉପୁଟ ପଞ୍ଚାୟତ ଅଧୀନ ଶ୍ରୀ ଜଗନ୍ନାଥ ନୋଡାଲ ବିଦ୍ୟାପୀଠର ୪୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବଡନାଉପୁଟ ପଞ୍ଚାୟତ ସରପଞ୍ଚ ପ୍ରୀତିମୟୀ ପଣ୍ଡା, ସମିତିସଭ୍ୟା ଦମୟନ୍ତୀ ପ୍ରଧାନ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ପ୍ରସନ୍ନ କୁମାର ଆଚାର୍ଯ୍ୟ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରସନ୍ନ ଗୁଇଁ, ବଡନାଉପୁଟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉମାଶଙ୍କର ରାଉତ, ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଭାତ ପଣ୍ଡା, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ବିଶ୍ୱାଳ, ବ୍ଲକ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀମଦ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ

**ଭଦ୍ରେଶ୍ୱର,୧୭।୩(ସମିସ):** ମାହାଙ୍ଗା ବ୍ଲକ ପଲ୍ଲିସାହି ଗ୍ରାମପଞ୍ଚାୟତ ଧାରୋଶ୍ୟାମସୁନ୍ଦପୁର ଠାରେ ଧର୍ମ ଜାଗରଣ ସମନ୍ୱୟ ଓ ମନୋରମା ଚାରିଟେବୁଲ ଟ୍ରଷ୍ଟର ଆନୁକୂଲ୍ୟରେ ଶ୍ରୀମଦ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗୀତା ପାରାୟଣ କରାଯାଇଥିଲା। ଜିଲ୍ଲା ଧର୍ମ ଜାଗରଣ ସମ୍ମନ୍ୱୟ ମୁଖ୍ୟ ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ନିଗମ କଳ୍ପତରୁ ଆଶ୍ରମର ବାବା ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦାନ କରିଥିଲେ। ବରଣ୍ୟ ଅତିଥିଭାବେ ସିଦ୍ଧଗିରି ଆଶ୍ରମର ବାବା ବିଶ୍ୱନାଥ ଦାସ, ସମ୍ମାନିତ ଅତିଥିଭାବେ ପତଞ୍ଜଳି କିଶାନସେବା ସମିତିର ରାଜ୍ୟ ପ୍ରଭାରୀ ସ୍ୱୟଂପ୍ରକାଶ ଦେବରଞ୍ଜନ ମହାପାତ୍ର, ସ୍ୱର ବ୍ରାହ୍ମଣ ପରିଷଦର ସମ୍ପାଦକ ନିମାଇଁ ଚରଣ ଦାସ, କୋଷାଧ୍ୟକ୍ଷ ମହେଶ୍ୱର ପାତ୍ର, ପ୍ରବଚକ ଜଗନ୍ନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଗୀତା ମଣ୍ଡଳ ବ୍ୟାସ ଅଭୟ ଭୂୟାଁ, ଅବତନ ଷଡଙ୍ଗୀ, ଧର୍ମ ଜାଗରଣ ମାହାଙ୍ଗା ଖଣ୍ଡର ସଂଯୋଜକ ପ୍ରତାପ ଚନ୍ଦ୍ର ରାଉତ, ବ୍ୟାସ ମୂରଲିଧର ବାରିକଙ୍କ ସମେତ ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ। କର୍ତ୍ତା ଭାବେ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ ଓ ମମତାମୟୀ ଆଚାର୍ଯ୍ୟ ପୂଜା ଓ ଯଜ୍ଞକାର୍ଯ୍ୟ କରିଥିଲେ। ଉତ୍ସବରେ ଗୋପାଳଜୀଉ ବେଦ ପାଠଶାଳା ମାହାଙ୍ଗାର ବିଦ୍ୟାର୍ଥୀମାନେ ବେଦପାଠ କରିଥିଲେ। କୈଳାସ ଚନ୍ଦ୍ର ଆଚାର୍ଯ୍ୟ, କରୁଣାକର ନାୟକ, ମୃତ୍ୟୁଞ୍ଜୟ ନାୟକ, ଅନୁସୟା ମିଶ୍ର, ଶ୍ରଦ୍ଧାଞ୍ଜଳି ମହାପାତ୍ର, ରାଜିବ ଲୋଚନ ପାତ୍ର, ଆଶୁତୋଷ ଆଚାର୍ଯ୍ୟ, ପ୍ରିୟଙ୍କା ଆଚାର୍ଯ୍ୟ ସହଯୋଗ କରିଥିଲେ। ସାମ୍ବାଦିକ ମନୋଜ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡରେ ସ୍ୱଚ୍ଛତା ଦିଗହରା

# ମୁକୁଳା ଡ୍ରେନ୍ ଦୁର୍ଗନ୍ଧରେ ଅତିଷ୍ଠ ଅଞ୍ଚଳବାସୀ

ଚୌଦ୍ୱାର,୧୭।୩।(ସମିସ):

କେନ୍ଦ୍ର ତଥା ରାଜ୍ୟ ସରକାର ସୁସ୍ଥ ପରିବେଶ ପାଇଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ମାତ୍ର ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବାବେଳେ ପୂର୍ବାପେକ୍ଷା ଏବେ ଚୌଦ୍ୱାର ପୌରାଞ୍ଚଳରେ ସ୍ୱଚ୍ଛତା ସମ୍ପୂର୍ଣ୍ଣ ଠପ୍ ପାଲଟି ଯାଇଛି। ଚୌଦ୍ୱାର

### କୁମ୍ଭକର୍ଣ୍ଣ ନିଦ୍ରାରେ ବିଭାଗୀୟ ଷ୍ଟାଣ୍ଡିଂ କମିଟି





ପୌରପାଳିକାରେ ଗଠନ କରାଯାଇଥିବା ଷ୍ଟାଣ୍ଡିଂ କମିଟିରେ ସାନିଟେସନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ନିଜେ ଉପନଗରପାଳ ଥାଇ ସୁଦ୍ଧା ତାଙ୍କ ନିଜ ୱାର୍ଡ ଏବଂ ପୂର୍ବରୁ ପ୍ରତିନିଧିତ୍ୱ କରୁଥିବା ୱାର୍ଡରେ ସ୍ୱଚ୍ଛତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଏପରିକି ସଫେଇ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବାବେଳେ ନାଳ ନର୍ଦ୍ଦମାର ଦୁର୍ଗନ୍ଧରେ ଅତିଷ୍ଠ ହୋଇ ପଡୁଛନ୍ତି ଚୌଦ୍ୱାର ପୌରପାଳିକାର ୧୦ ତଥା ୧୯ ନମ୍ବର ୱାଡର୍‌ର ଜନସାଧାରଣ। କହିବାକୁ ଗଲେ ଚୌଦ୍ୱାର ପୌରପାଳିକାର ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହେଉଛି ୧୦ ନମ୍ବର ୱାଡର୍। ଯାହା ଚୌଦ୍ୱାର ବିରାଟ ବଜାର ସହିତ ଇଏସଆଇ ହସ୍ପିଟାଲ, ୟୁଏମଏସଏଲ ଭଳି ଶିଳ୍ପାନୁଷ୍ଠାନ ସହିତ କେନ୍ଦ୍ର ସରକାରଙ୍କ ଏଆରସି ମୁଖ୍ୟ ଫାଟକ ମଧ୍ୟ ରହିଛି। ଏଥି ସହିତ ଚୌଦ୍ୱାର ଜେଲ ଭଳି ସମ୍ବେଦନଶୀଳ ସ୍ଥାନ ସହିତ ହାଉସିଂବୋଡର୍ ଓ ଲେବର ଟେନାମେଣ୍ଟର ଅଂଶବିଶେଷ। ମାତ୍ର ଏହି ଅଞ୍ଚଳରେ ଆବର୍ଜନା ସହିତ ପଚାଷଡ଼ା ଗନ୍ଧରେ ନାକ ଫାଟି ପଡୁଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଚୌଦ୍ୱାର ପୌରପାଳିକା ଓ ସାନିଟେସନ ଷ୍ଟାଣ୍ଡିଂ କମିଟି। ମିଳିଥିବା ଅଭିଯୋଗ ଅନୁଯାୟୀ ଚୌଦ୍ୱାର ୧୦ ନମ୍ବର ୱାଡର୍‌ରେ ଏକାଧିକବାର କାଉନସିଲର ଭାବେ ନିର୍ବାଚିତ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ବର୍ତ୍ତମାନର ଉପନଗରପାଳ ଏହି ଅଞ୍ଚଳ ଲୋକଙ୍କ ପାଇଁ ଅବହେଳା କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଥିସହିତ ଗତ ପୌର ନିର୍ବାଚନ ସମୟରେ ୧୦ ନମ୍ବର ୱାଡର୍‌କୁ ଏସସି ନିମନ୍ତେ ସଂରକ୍ଷଣ କରାଯିବା ପରେ ତାଙ୍କର ଏକାନ୍ତ ଅନୁଗତ୍ୟ ଥିବା ଜଣେ ପ୍ରାର୍ଥୀଙ୍କୁ ସେଠାରେ ଠିଆ କରାଇ ନିଜେ ୧୯ ନମ୍ବର ୱାଡର୍‌ରୁ ପ୍ରତିଦ୍ୱନ୍ଦ୍ୱିତା କଲେ; ନିର୍ବାଚନ ସମୟରେ ଉଭୟ ୱାଡର୍‌ର ବିକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇ ୧୦ ଏବଂ ୧୯ ନମ୍ବର ୱାଡର୍‌କୁ ଅକ୍ତିଆର କଲେ। ଏହି ୧୦ ନମ୍ବର ୱାଡର୍‌ରେ ୨୫ ଶହ ଭୋଟରଙ୍କ ସମେତ ୩ ହଜାର ଜନସାଧାରଣ ବସବାସ କରନ୍ତି। ଚାରବାଟିଆ ନ୍ୟୁ କଲୋନୀ ଅଞ୍ଚଳରେ ସମସ୍ତ ଡ୍ରେନ ମୁକୁଳା ପଡ଼ିଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ମୁକୁଳା ଡ୍ରେନର ଦୁର୍ଗନ୍ଧରେ ଏହି ଅଞ୍ଚଳର ଲୋକେ ରହିବା କଷ୍ଟକର ହୋଇପଡୁଛି। ଏହି ୱାଡର୍‌ର ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ଚୌଦ୍ୱାର ପୌରପାଳିକା ଦୃଷ୍ଟି ଦେଉ ନ ଥିବା ନେଇ ଅସନ୍ତୋଷ ଘନେଇବାରେ ଲାଗିଛି। ଆଗାମୀ ଦିନରେ ଏହାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଙ୍କେତ ମିଳୁଛି।

## ହିନ୍ଦୁସେନା ପକ୍ଷରୁ ରାମନବମୀ ପ୍ରସ୍ତୁତି ବୈଠକ



**ବଡମ୍ବା,୧୭।୩(ସମିସ):** ହିନ୍ଦୁସେନା ବଡମ୍ବା ଶାଖା ପକ୍ଷରୁ ଆସନ୍ତା ୨୭ ତାରିଖ ପବିତ୍ର ଶ୍ରୀରାମ ନବମୀ ଅବସରରେ ଏକ ବିରାଟ ଶ୍ରୀରାମ ଶୋଭାଯାତ୍ରା ଅନୁଷ୍ଠିତ ହେବ ଓ ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ କଟେରି ନିକଟସ୍ଥ ବୁଢ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବଡମ୍ବା ଶାଖାର ସଭାପତି ଚିନ୍ମାମ୍ବା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୭ ତାରିଖରେ ହେବାକୁ ଥିବା ଶୋଭାଯାତ୍ରା ବଡମ୍ବା କଟେରିସ୍ଥିତ ବୁଢ଼ା ହନୁମାନ ମନ୍ଦିରଠାରୁ ବାହାରି ମୁଖ୍ୟ ରାସ୍ତାରେ ବଡମ୍ବା ଗାନ୍ଧୀଛକ, ବଡ଼ଦାଣ୍ଡ ସାହି ଦେଇ ବଡମ୍ବା ଟାଉନ ପରିକ୍ରମା କରି ହାଟଛକ, କାନ୍ଠଥଳସାହି ନିକଟସ୍ଥ ଶ୍ରୀରାମ ମନ୍ଦିରଠାରେ ଶୋଭାଯାତ୍ରା ଶେଷ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବଡମ୍ବା ଶାଖାର କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, ସମ୍ପାଦକ ଧନରାଜ ପାଟଶାଣି, ସମ୍ପାଦକ ସହଦେବ ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକ, ସନ୍ତୋଷ ଦେବତା, ସଦସ୍ୟ ନୀଳକଣ୍ଠ ପଣ୍ଡା, ଦୀପକ ବେହେରା, ଆଲୋକ ସାହୁ, ସମ୍ବିତ ଜେନା, ମୃତ୍ୟୁଞ୍ଜୟ ମହାନ୍ତି, ସୌଭାଗ୍ୟ ରଞ୍ଜନ ମଲ୍ଲିକ, ବଦ୍ରି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାରସ୍ୱତ ଆଲୋଚନାରେ 'ଶଙ୍ଖଧ୍ୱନି' ପୁସ୍ତକ ଲୋକାର୍ପିତ

**ନିଶ୍ଚିନ୍ତକୋଇଲି,୧୭।୩(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସୀମାସ୍ଥଳରେ ଥିବା କାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ କାମେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ଆଲେଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବହୁ ସୁନାମଧନ୍ୟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ କବି କୁଳମଣି ସାହୁଙ୍କ ଦ୍ୱାରା ରଚିତ ପୁସ୍ତକ 'ଶଙ୍ଖଧ୍ୱନି'ର ଲୋକାର୍ପଣ କରାଯାଇଛି। ସଂସଦର ସଭାପତି ସାହିତ୍ୟିକ ଅଧ୍ୟାପକ ପ୍ରଶାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଡ. ହରିହର କାନୁନଗୋ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନାରାୟଣ ମୁଦୁଲି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାସ, ବିଶିଷ୍ଟ ଅତିଥିଭାବେ ସାହିତ୍ୟିକ ଡ. ବିଜୟବିଜେତା ନାୟକ, ବରେଣ୍ୟବକ୍ତା ଭାବେ ଡ. ଶାରଦା ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କାମେଶ୍ୱର ସାହିତ୍ୟ ସଂସଦର ପ୍ରତିଷ୍ଠାତା କୁଳମଣି ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଲୋକାର୍ପିତ ହୋଇଥିବା ଶଙ୍ଖଧ୍ୱନି ପୁସ୍ତକ ଓଡିଆ ଭାଷା ସାହିତ୍ୟକୁ କିଭଳି ମାର୍ଗ ଦର୍ଶନ କରିବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂସଦର ସଂପାଦକ ପ୍ରମୋଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଆଠଗଡ଼,୧୭।୩(ସମିସ):** ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୦ମ ବାର୍ଷିକ କ୍ରୀଡ଼ା, ନୃତ୍ୟ ଓ ଶ୍ରେଷ୍ଠ ବିଦ୍ୟାର୍ଥୀ ସମ୍ମାନ ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ସଭାପତି ଜଗନ୍ନାଥ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କଟକ ଜିଲ୍ଲା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପାର୍ଥି ବଜେନ୍ଦ୍ର ରାୟ, ମୁଖ୍ୟବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସଂସ୍ଥାର ସଭାପତି ଶରତ ଚନ୍ଦ୍ର ସାମନ୍ତ, ସମ୍ମାନିତ ଅତିଥି ଭାବେ ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ, ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀର ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ, ଯୁବ ସମାଜସେବୀ ପିଙ୍କନ ସାହୁ, ବିଦ୍ୟାଳୟ ମୁଖ୍ୟ ପରାମର୍ଶଦାତା ବିଭୁତି ଭୂଷଣ ଖଟୁଆ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂପାଦକ ସୁଶାନ୍ତ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବିବେକାନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନନ୍ଦକିଶୋର ସାହୁ, ଜୟନ୍ତ ପ୍ରଧାନ, ପ୍ରଶାନ୍ତ ପରିଡା, ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ମଧ୍ୟରେ ପ୍ରକାଶ ପ୍ରଧାନ, ସ୍ମରଣିକା ଦାସ, ଅହଲ୍ୟା ବେହେରା, କବିତା ବେହେରା, ଅର୍ପିତା ବେହେରା, ସୋନାଲି ସେଠୀ, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରଣା, ପୂର୍ଣ୍ଣିମା ସେଠୀ ପ୍ରମୁଖ ସହଯୋଗ କରିଥିଲେ।




## ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଜନଆରୋଗ୍ୟ ସମିତି ପ୍ରଶିକ୍ଷଣ

**ନିଶ୍ଚିନ୍ତକୋଇଲି,୧୭।୩(ସମିସ):** ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଜନଆରୋଗ୍ୟ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦୁଇଦିନିଆ ସ୍ୱାସ୍ଥ୍ୟସେବା କ୍ରିୟାଶୀଳ ସଂକ୍ରାନ୍ତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଅମିତ ଜେନା ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟରଞ୍ଜନ ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ବହୁ ସରପଞ୍ଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ), ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତସ୍ତରୀୟ ମହିଳା ସଂଘ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରଶିକ୍ଷକ ପ୍ରମୋଦ ଦାଶ ଏବଂ ଆୟୁଷ ଡାକ୍ତର ଜାପାନୀ ମହାପାତ୍ର ଯୋଗଦାନ କରି ସ୍ୱାସ୍ଥ୍ୟ ଭିତ୍ତିଭୂମିର ସଫଳ କାର୍ଯ୍ୟନ୍ୱୟନ ସହ ସ୍ୱାସ୍ଥ୍ୟ ସେବାରେ ପ୍ରୟୋଗତ୍ମାକ ସମୃଦ୍ଧ କରିବାରେ ଗୋଷ୍ଠୀସ୍ତରର ସଂପୃକ୍ତି ଜନ ଆରୋଗ୍ୟ ସମିତିର କ୍ରିୟାଶୀଳତା ବୃଦ୍ଧି ସଂକ୍ରାନ୍ତରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ବହୁମୁଖ୍ୟ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଶାନ୍ତ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତର ସରିତ୍ ସାଗର, ବିତ୍ତ ପରିଚାଳକ ତପନ ଜେନା, ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ପରିଚାଳକ ପ୍ରକାଶଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ତ୍ରିଶୂଳିଆ ଡିପୋରେ 'ମୋ ବସ୍'ରେ ନିଆଁ



**ତ୍ରିଶୂଳିଆ,୧୭।୩(ସମିସ):** ବାରଙ୍ଗ ବସଷ୍ଟାଣ୍ଡ ନିକଟସ୍ଥ ତ୍ରିଶୂଳିଆ "ମୋ ବସ୍' ଡିପୋରେ ଆଜି ସକାଳେ ଏକ ଚଳନ୍ତା ବସରେ ନିଆଁ ଲାଗିଯାଇଥିଲା। ଏହି ଘଟଣା ଯୋଗୁଁ ଯାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିବା ବେଳେ କର୍ମଚାରୀଙ୍କ ସତର୍କତା ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ସକାଳ ପ୍ରାୟ ୧୦ଟାରେ "ଓଡି-୦୫ ବିଆର-୭୧୫୧' ନମ୍ବର ବିଶିଷ୍ଟ ମୋ ବସ୍‌ଟି ଡିପୋରେ ଥିବା ବେଳେ ହଠାତ୍ ଏହାର ପଛ ଚକ ପାଖରୁ ପ୍ରବଳ ଧୂଆଁ ବାହାରିଥିଲା। ନିଆଁ ଲାଗିଥିବା ଦେଖି ଡିପୋରେ ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ବାରଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କର୍ମଚାରୀମାନେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେଇଥିଲେ। ଫଳରେ ସମସ୍ତ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଭାବେ ବର୍ତ୍ତି ଯାଇଛନ୍ତି।

# ଜମି ଜବରଦଖଲକୁ ନେଇ ଚାରିଛକରେ ତୁମୂଳକାଣ୍ଡ

### ଜମିରେ ଗାଈଗୋରୁ ଭର୍ତ୍ତି କରିଦେଲେ ଗ୍ରାମବାସୀ

ତିଗିରିଆ,୧୭।୩(ସମିସ):



ତିଗିରିଆ ବ୍ଲକ ଅଧୀନ ଅଚଳକୋଟ ଚାରିଛକ ନିକଟରେ ଥିବା ସରକାରୀ ଜମି କିଛି ବ୍ୟକ୍ତିଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ଜବରଦଖଲ କରାଯାଇ ପନିପରିବା ଫସଲ କରାଯାଉଥିବା ହରିଡାପଶି ଗ୍ରାମବାସୀଙ୍କ ତରଫରୁ ସୋମବାର ତିଗିରିଆ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହରିଡାପଶି ଗ୍ରାମର ଗୃହପାଳିତ ପଶୁମାନେ ଚାରଣ ଭୂମି ଅଭାବ ଯୋଗୁ ଚରିବାରେ ବିଭିନ୍ନ ସମସ୍ୟା ଭୋଗ କରୁଥିବା ନେଇ ଗତକାଲି ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଧର୍ମ ରଞ୍ଜନ ପଣ୍ଡାଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ଉକ୍ତ ଜବରଦଖଲକୁ ଯଥାଶୀଘ୍ର ଉଚ୍ଛେଦ ପାଇଁ ଦାବି କରିଥିଲେ। ଗ୍ରାମବାସୀଙ୍କ ନିକଟରୁ ଲିଖିତ ଅଭିଯୋଗ ପାଇବା ପରେ ସଙ୍ଗେ ସଙ୍ଗେ ତହସିଲଦାର ଶ୍ରୀ ପଣ୍ଡା ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ତହସିଲଦାରଙ୍କୁ ଘଟଣାସ୍ଥଳକୁ ପଠାଇ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଘଟଣାର ସମାଧାନ କରିଥିଲେ। ସମାଧାନରେ ଜବରଦଖଲକାରୀମାନେ ସରକାରୀ ଜମିକୁ ଛାଡିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ନେଇ ଆଜି ହରିଡାପଶି ଗ୍ରାମବାସୀ ଓ ଜବରଦଖଲକାରୀଙ୍କ ମଧ୍ୟରେ ତୁମୂଳକାଣ୍ଡ ଘଟିଥିବା ଜଣାପଡିଛି। ଆଜି ହରିଡାପଶି ଗ୍ରାମବାସୀ ଉକ୍ତ ସରକାରୀ ଜମିରେ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଇ ହୋଇଥିବା ମକା ଓ ବାଦାମ ଚାଷ ଜମିରେ ନିଜର ଗୃହପାଳିତ ପଶୁଙ୍କୁ ଚରିବା ପାଇଁ ନେଇଥିଲେ। ଏହି ଘଟଣାରେ ଚାଷ କରିଥିବା ଜବରଦଖଲକାରୀ ଗ୍ରାମବାସୀଙ୍କ ଆଗରେ ନେହୁରା ହୋଇ ଫସଲ ନଷ୍ଟ ନ କରିବା ପାଇଁ କହିବା ସହ ଫସଲ ଅମଳ ପରେ ସେମାନେ ଉକ୍ତ ଜମିକୁ ଛାଡ଼ିଦେବେ ବୋଲି କହିଥିଲେ। ଗ୍ରାମବାସୀ ସେମାନଙ୍କ କଥାକୁ ଭ୍ରୂକ୍ଷେପ ନ କରି ଫସଲ ହୋଇଥିବା ଜମିରେ ନିଜର ଗୃହପାଳିତ ପଶୁଙ୍କୁ ଚରିବା ପାଇଁ ଛାଡି ଦେଇଥିଲେ। ଫଳରେ ହଜାର ହଜାର ଟଙ୍କାର ମକା ଓ ବାଦାମ ଫସଲ ନଷ୍ଟ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ପୁଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ହରିଡାପଶି ଗ୍ରାମବାସୀଙ୍କ ସହ ପୁଲିସର ଉଚ୍ଚବାଚ, ଠେଲାପେଲା ହୋଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମବାସୀଙ୍କ ଏଭଳି ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ ସହ ହଜାର ହଜାର ଟଙ୍କାର ଫସଲ ନଷ୍ଟ ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ହାଟସାହି ପ୍ରିମିୟର ଲିଗ୍: ଗେମ୍ ଚେଞ୍ଜର ଚାମ୍ପିଅନ



କନ୍ଦରପୁର,୧୭।୩(ସମିସ): କଟକ ସଦର ଅନ୍ତର୍ଗତ ପରମହଂସ ପଞ୍ଚାୟତର ଅଗ୍ରଣୀ ହାଟସାହି ଯୁବକ ସଂଘ ପକ୍ଷରୁ ଦୁଇଦିନିଆ ହାଟସାହି ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ହାଟସାହି ହାର୍ଡ ହିଟରକୁ ହରାଇ ହାଟସାହି ଗେମ ଚେଞ୍ଜର ଚାମ୍ପିଅନ ହୋଇଛି। କଟକ ସଦର ପଞ୍ଚାୟତସମିତି ଅଧ୍ୟକ୍ଷା ତଥା ବିଷ୍ଣୁପ୍ରିୟା ସେବା ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଖେଳକୁ ଉଦଘାଟନ କରିଥିବା ବେଳେ ଚାମ୍ପିଅନ ଓ ରନର୍ସଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା ଓ ଆୟତପୁର ସରପଞ୍ଚ ରାକେଶ ବେହେରା ଯୋଗଦାନ କରିଥିଲେ। ଯୁବକ ସଂଘ ସଭାପତି ଜିତେନ୍ଦ୍ର ଦାଶ, ବ୍ରଜେଶ ଦାଶ, ଦେବରାଜ ଦାଶ, ପ୍ରଦୀପ ଦାଶ, ଯୁଗଳ ଦାଶ, ସୁନିଲ ଦାଶ, ଦିବ୍ୟସିଂହ ଦାଶ, ବେଣୁଧର ସାହୁ, ରାକେଶ ପଣ୍ଡା, ଶିବପ୍ରସାଦ ସାହୁ, ପରେଶ ସାହୁ, ଅନୀଲ ସେଠୀଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।

